ଗ୍ରାମୀଣ କୃଷି ମୌସମ ସେବା
ଭାରତ ପାଣିପାଗ ବିଜ୍ଞାନ ବିଭାଗ
ଓଡ଼ିଶା କୃଷି ଏବଂ ବୈଷୟିକ ବିଶ୍ୱ ବିଦ୍ୟାଳୟ ଭୁବନେଶ୍ୱର, ଓଡିଶା
ଘୁ. ଉଦୟଗିରି, ଓଡିଶା: ୦୨.୦୧.୨୦୨୬ (ଆସନ୍ତା ପାଞ୍ଚ ଦିନର ୦୮.୩୦ ଭାରତୀୟ ମାନକ ସମୟ ପର୍ଯ୍ୟନ୍ତ)

**Dr. ଦେବେନ୍ଦ୍ର କୁମାର ଦେବତା (I/C)**
**Sr.Scientist Plant Pathology**

ସପ୍ତାହ ସଂଖ୍ୟା- ୦୧
ତାରିଖ- ୦୨.୦୧.୨୦୨୬

ବୁଲେଟିନନଂ. ୦୧
ଭାରତ ପାଣିପାଗ ବିଜ୍ଞାନ ବିଭାଗ. ଭୁବନେଶ୍ୱର ଅନୁଯାୟୀ
ପାଣିପାଗ ପୂର୍ବାନୁମାନ (୦୭. ୦୧.୨୦୨୬) ପର୍ଯ୍ୟନ୍ତ

**ଜିଲ୍ଲା କନ୍ଧମାଳ** – ଭାରତ ପାଣିପାଗ ବିଜ୍ଞାନ ବିଭାଗ ଭୁବନେଶ୍ୱରର ପୂର୍ବାନୁମାନ ଅନୁଯାୟୀ,ଜିଲ୍ଲାରେ ଆସନ୍ତା ଚାରି ଦିନ ମଧ୍ୟରେ ପାଗ ଶୁଖିଲା ରହିବାର ସମ୍ଭାବନା ଅଛି ଏବଂ ଏହା ସହ ଆକାଶ ସଫା ରହିବାର ସମ୍ଭାବନା ଅଛି।ପବନର ଘଣ୍ଟା ପ୍ରତି ବେଗ ୦୦-୦୨ କିଲୋମିଟର ପ୍ରତି ଘଣ୍ଟା ରହିପାରେ।ସର୍ବୋଚ୍ଚ ତାପମାତ୍ରା ଯଥାକ୍ରମେ ୨୭-୨୮ ଡିଗ୍ରୀ ସେଲସିୟସ ରହିବାର ସମ୍ଭାବନା ଅଛି ଏବଂ ସର୍ବନିମ୍ନ ତାପମାତ୍ରା ୦୮-୧୦ ଡିଗ୍ରୀ ସେଲସିୟସ ରହିବ।ସର୍ବୋଚ୍ଚ ଓ ସର୍ବନିମ୍ନ ଆପେକ୍ଷିକ ଆର୍ଦ୍ରତା ଯଥାକ୍ରମେ ୭୬-୮୪ % ଏବଂ ୨୫-୩୦ % ମଧ୍ୟରେ ରହିବାର ସମ୍ଭାବନା ଅଛି।

| ଜିଲ୍ଲା | ତାରିଖ | ବର୍ଷା (ମିମି) | ସବାଧିକ ତାପମାତ୍ରା)°ସେଲସିୟସ( | ସବନିମ୍ନ ତାପମାତ୍ରା )°ସେଲସିୟସ( | ମେଘାଛନ୍ନ (ଅକ୍ଟା) | ଆପେକ୍ଷିକ ଆଦ୍ରତା I (ପ୍ରତିଶତ( | ଆପେକ୍ଷିକ ଆଦ୍ରତା II (ପ୍ରତିଶତ( | ପବନର ବେଗ ଘଣ୍ଟା ପ୍ରତି (କିମି) | ପବନର ଦିଗ (ଡିଗ୍ରୀ) |
|---|---|---|---|---|---|---|---|---|---|
| କନ୍ଧମାଳ | ୦୩.୦୧.୨୦୨୬ | ୦ | ୨୮ | ୮ | ୧ | ୮୪ | ୨୬ | ୨ | ୧୯୪ |
| | ୦୪.୦୧.୨୦୨୫ | ୦ | ୨୮ | ୯ | ୧ | ୭୮ | ୨୮ | ୨ | ୧୬୬ |
| | ୦୫.୦୧.୨୦୨୬ | ୦ | ୨୮ | ୯ | ୧ | ୭୯ | ୩୦ | ୨ | ୯୦ |
| | ୦୬.୦୧.୨୦୨୬ | ୦ | ୨୭ | ୧୦ | ୧ | ୭୬ | ୨୬ | ୦ | ୩୬୦ |
| | ୦୭.୦୧.୨୦୨୬ | ୦ | ୨୭ | ୧୦ | ୧ | ୮୨ | ୨୫ | ୦ | ୩୬୦ |

## ସାଧାରଣଉପଦେଶାବଳୀ

- ପ୍ରାଥମିକ ଅବସ୍ଥାରେ ମୁଗରେ ଧଳାମାଛି ର ପରିଚାଳନା ପାଇଁ ଏକର ପ୍ରତି ୬୦୦ ମିଲି ନିମ୍ବ ଆଧାରିତ କୀଟନାଶକ ୧୫୦୦ ପିପିଏମ କୁ ୨୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ ।
- ନିମ ତେଲ, ନିମ ପିଡିଆ, ନିମ ମଞ୍ଜି କୁ ପ୍ରତି ୨୦-୨୫ ଦିନରେ @୧୦୦ଏମଏଲ/୧୫ ଲିଟର ପାଣିରେ ମିଶାଇ ପନିପରିବ କିମ୍ବା ଫୁଲ ଗଛରେ ପ୍ରୟୋଗ କରନ୍ତୁ। ଏହାଦ୍ୱାରା ବିଭିନ୍ନ ପ୍ରକାରର ରୋଗ ପୋକ ରୁ ମୁକ୍ତି ମିଳିଥାଏ।
- ପ୍ରାଥମିକ ଅବସ୍ଥାରେ ବାଇଗଣରେ ଗଣ୍ଡି ବିନ୍ଧା ପୋକର ପରିଚାଳନା ପାଇଁ ଏକର ପ୍ରତି ୬୦୦-ମିଲି ନିମ୍ବ ଆଧାରିତ କୀଟନାଶକ କୁ ୨୦୦-ଲିଟର ପାଣିରେ ମିଶାଇ ସିଂଚନ କରନ୍ତୁ ।
- ପ୍ରାଥମିକ ଅବସ୍ଥାରେ ଫୁଲକୋବିରେ ବୋରନ୍ ପ୍ରୟୋଗ କରି ନ ଥିଲେ ଚାରା ରୋପଣ ର ୨ ସପ୍ତାହ ପରେ ଏବଂ ଫୁଲ କଢ ଧରିବା ରି ର ୨ ସପ୍ତାହ ପୂର୍ବରୁ ପ୍ରତି ଲିଟର ପାଣିରେ ୨.୫ ଗ୍ରାମ ବୋରାକ୍ସ କିମ୍ବା ୧-୧.୫ ଗ୍ରାମ ଫୋଲିବୋର କିମ୍ବା ସୋଲୁବୋର ମିଶାଇ ପତ୍ର ରେ ସିଂଚନ କରନ୍ତୁ ।
- କମ ତାପମାତ୍ରା ଯୋଗୁଁ ରବି ଫସଲରେ ଶୋଷକ କୀଟ, ପତ୍ରପୋଡା ଓ ପାଉଁଶିଆ ରୋଗ ଲାଗିବାର ସମ୍ଭାବନା ରହିଛି। ତେଣୁ ନିୟମିତ ଫସଲରେ ପୋକ ଏବଂ ରୋଗର ସର୍ବେକ୍ଷଣ କରନ୍ତୁ ଏବଂ ସେହି ଅନୁଯାୟୀ ଉପଯୁକ୍ତ ସୁରକ୍ଷା ପଦକ୍ଷେପ ନିଅନ୍ତୁ।
- କୁକୁଡା ରଖିବା ଘରେ ଉତ୍ତାପ ବଜାୟ ରଖିବା ପାଇଁ ରୁମ ହିଟର କିମ୍ବା କି ୨୦୦ ୱାଟ ବଲ୍ବ ଲଗାନ୍ତୁ ।
- ଧାନ କୁ ଅଧିକ ଦିନ ପାଇଁ ସରକ୍ଷଣ କରି ରଖିବା ପାଇଁ ସୁପର ଗ୍ରେନ ଅଖା ବ୍ୟବହାର କରନ୍ତୁ।

- ପନିପରିବା ଫସଲରେ ଶୋଷକ ପୋକ ଯଥା ଜଉପୋକ, ଉଙ୍କୁଣିଆ ପୋକ ଓ ଧଳା ମାଛି ରୁ ରକ୍ଷା ପାଇବା ପାଇଁ ଇମିଡାକ୍ଲୋପ୍ରିଡ କିମ୍ବା ଏସିଟାମିପ୍ରିଡ କୀଟନାଶକ ସିଂଚନ କରନ୍ତୁ।

**ଧାନ:**

- ଧାନ ଅମଳ ପରେ ଦିନକୁ ୮ ଘଣ୍ଟା, ଦୁଇ ରୁ ତିନି ଦିନ ସିମେଣ୍ଟ ଚଟାଣରେ କିମ୍ବା କି ୨୦୦-ମାଇକ୍ରନ କଳା ପଲିଥିନ ଉପରେ ୨.୫ ସେମି ଉଚ୍ଚରେ ଶୁଖାଇ ଦେଲେ ଆର୍ଦ୍ରତା ଶତକଡା ୧୪ କୁ ଖସି ଆସେ ।ବିହନ ପାଇଁ ଧାନ ରଖିବାକୁ ଥିଲେ ଆର୍ଦ୍ରତା ଶତକଡା ୧୨ ଭାଗ ରଖନ୍ତୁ ।
- ଏକ ଟନ ସାଇତା ଶସ୍ୟରେ କିଟରୁ ରକ୍ଷା ପାଇବା ପାଇଁ ଆଲୁମିନିୟମ ଫସଫାଇଡ ଟାବଲେଟ ଗାତରେ ରଖି କାଦୁଅ ଲେପି ଦିଅନ୍ତୁ।
- ଧାନ ଫସଲରେ ମୁଶା ଦମନ ପାଇଁ ଆଲୁମିନିୟମ ଫସଫାଇଡ ଟାବଲେଟ ଗାତରେ ରଖି କାଦୁଅ ଲେପି ଦିଅନ୍ତୁ।

**ଚିନାବାଦାମ:**

- ଖରିଫ ଚିନାବାଦାମ ମଞ୍ଜି ଗଛରେ ପାକଲ ହୀୟଇଜତିଲେ ଅମଳ କରି ୩ ରୁ ୪ ଟି ଟନ ଖରାରେ ଶୁଖାଇ ସାଇତି ରଖନ୍ତୁ।ନଦୀ ପଥ ଜମିରେ ହେକ୍ଟର ପ୍ରତି ବିହନ ୧୫୦ କିଗ୍ରା ଚିନାବାଦାମ ମଞ୍ଜି ସହ ରାଇଜୋବିୟମ ଜୀବାଣୁ କଲଚର ବ୍ୟବହାର କରନ୍ତୁ। ଧାଡି କୁ ଧାଡି ୨୫ ସେମି ଓ ଗଛ କୁ ଗଛ ୧୦ ସେମି ବ୍ୟବଧାନରେ ଲଗାନ୍ତୁ।ଦେବୀ, ଧରଣୀ, ଡିଜି-୩୮, ଟିଏସଭି-୨, କଦରୀ-୬ ଦିବି କିସମ ବିହନ ବ୍ୟବହାର କରନ୍ତୁ।

**ଆଳୁ:**

- ଆଳୁ ଫସଲ ରେ କୋଡ଼ା ଖୁସା  କରି ଘାସ ବାଛି ଦିଅନ୍ତୁ ।ହୁଡା ଚଉଡା ଓ ମଜବୁତ ରଖନ୍ତୁ ।ମାଟିର କିସମ ଓ ବତର ଦେଖି ସିଆର ସି ରେ ପ୍ରତି ୭ ରୁ ୮ ଦିନଦି ବ୍ୟବଧାନ ରେ ଜଳସେଚନ କରନ୍ତୁ ।ସିଆର ସି ରେ ଜଳସେଚନକରିବା ରି ସମୟ ରେ ହୁଡା ର ୨/୩ ଅଂଶ ବୁଡିବା ଡି ପର୍ଯ୍ୟନ୍ତ ପାଣି ଦିଅଦିନ୍ତୁ ।

**ପ୍ରାଣି ପାଳନ :**

- କୁକୁଡା ରଖିବା ଘରେ ଉତ୍ତାପ ବଜାୟ ରଖିବା ପାଇଁ ରୁମ ହିଟର କିମ୍ଵା କି ୨୦୦ ୱାଟ ବଲ୍ବ ଲଗାନ୍ତୁ ।
- ଶୀତ ଋତୁରେ ଗାଈ ଗୋରୁ ମାନଙ୍କୁ ପ୍ରତି ଦିନଦି ଖଣିଜ ମିଶ୍ରଣ ସହ ୧୦ ରୁ ୨୦ ଶତକଡା ଲୁଣ, ଚୋକଡ ଓ ଗୁଡ ମିଶାଇ ଖାଇବାକୁ ଦିଅନ୍ତୁ ।
- ଗୋରୁ ଙ୍କୁ ଫାଟୁଆ, ବଜବଜିଆ ଏବଂ ସାହାଣ ରୋଗ ପ୍ରତିଶଧକ ଟୀକା ଦିଅନ୍ତୁ।
- ଗୋରୁଙ୍କୁ ଗୋଳିଆ ପଣି ପିଇବାକୁ ଦିଅନ୍ତୁ ନହିଁ।ଗୋରୁଙ୍କୁ ପ୍ରତି ୩ ମାସ ଅନ୍ତରରେ କୃମିନାଶକ ଔଷଧ ଖୁଆନ୍ତୁ।

**ମାଛ ଚାଷ:**

ଶୀତ ଋତୁରେ ମାଛ ମାନଙ୍କ ଦେହରେ କବକ, ବୀଜାଣୁ ଓ ପରଜୀବୀ ଜନିତ ରୋଗ ଦେଖାଯାଇଥାଏ ।ଏହି ରୋଗମାନଙ୍କର  ନିରାକରଣ ପାଇଁ ଶୀତ ଋତୁ ଆରମ୍ଭ ହେବା ପୂର୍ବରୁ ଏକ ଏକର ପୋଖରୀ ପ୍ରତି ୪୦୦ ମିଲି CIFAX କିମ୍ବା  ୧ ରୁ ୨ କେଜି ପୋଟାସିୟମ ପରମାଙ୍ଗାନେଟ କିମ୍ବା  ୫୦ ରୁ ୧୦୦ କେଜି ଚୂନ ମିଶାଇ ବିଶୋଧନ କରନ୍ତୁ ।ଶୀତ ଋତୁରେ ମାଛ ମାନଙ୍କୁ ରୋଗ ନହେବା ପାଇଁ ଏକ ଏକର ପୋଖରୀ ପ୍ରତି ୧୦୦ କେଜି ଲୁଣ ପ୍ରୟୋଗ କରନ୍ତୁ ।

For better agriculture benefits use, OUAT KALINGA products (Seedling, Sampling & QPM, Tissue Culture Plants, Fruits and Vegetables, Value added products, Fingerlings/Yearlings, Poultry chicks, Breeds, Mushroom and Spawns, Bio-fertilizers, Bio-pesticides, Vermi & Vermi Compost).

ASSOCIATE DIRECTOR OF RESEARCH & NODAL OFFICER